# ଫିଟୁଛି ବେଆଇନ ଟ୍ରକ୍ ପାର୍କିଂ ସିଣ୍ଡିକେଟ୍ ଗୁମର

ବ୍ରଜରାଜନଗର,୨୪।୩(ସମିସ)



ବ୍ରଜରାଜନଗରରେ ସରକାରୀ ଜମି ଉପରେ ଚାଲୁଥିବା ବେଆଇନ ପାର୍କିଂ ସିଣ୍ଡିକେଟ୍‌ର ଗୁମର ଫିଟିଛି। ରାଜପଥ-୪୯ ଠାରୁ ୯ ନମ୍ବର ଛକ ଦେଇ କୋଇଲା ଖଣିକୁ ଯାଉଥିବା ବାଇପାସ୍ ରାସ୍ତା ପାଖରେ ପ୍ରାୟ ତିନି ଚାରି ଏକର ସରକାରୀ ଜମି ରହିଛି। ଏହା ଉପରେ ବେଆଇନ୍ ପାର୍କିଂୟାର୍ଡ ଦୀର୍ଘଦିନ ଧରି ପୌର ଅଧିକାରୀ ମାନଙ୍କ ସୁରକ୍ଷାରେ ଚାଲୁଥିବା ଅଭିଯୋଗ ହୋଇଛି। ସ୍ଥାନୀୟ ଲୋକଙ୍କ ଅନୁସାରେ, ଏଠାରେ ରହୁଥିବା ପ୍ରତ୍ୟେକ ଟ୍ରକରୁ ୩୦ ଟଙ୍କା ଲେଖାଁ ବେଆଇନ୍ ଦେୟ ଆଦାୟ କରାଯାଉଛି। ଏତେ ଦିନ ଧରି ଖୋଲାଖୋଲି ଏହି ବେଆଇନ୍ କାରୋବାର ଚାଲୁଥିବା ସତ୍ତ୍ୱେ ପୌର କର୍ତ୍ତୃପକ୍ଷ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି। ଏଣୁ ସେମାନଙ୍କ ଭୂମିକା ଉପରେ ଗୁରୁତର ପ୍ରଶ୍ନ ଉଠିଛି। ଶନିବାର ଝାରସୁଗୁଡ଼ା ତହସିଲଦାର ସଦାକର କୁମ୍ଭାର ଘଟଣାସ୍ଥଳରେ ପହଞ୍ଚି ଫ୍ଲାଏଆସ୍ ଦ୍ୱାରା ଜମି ସମତଳ କରୁଥିବା ଏକ ହାଇୱାକୁ ଜବତ କରିଥିଲେ। ଏହାପରେ ସମଗ୍ର ଅଞ୍ଚଳରେ ପାର୍କିଂ ସିଣ୍ଡିକେଟ୍ ନେଇ ବିବାଦ ମୁଣ୍ଡ ଟେକିଛି। ତହସିଲଦାର କହିଛନ୍ତି ଯେ, ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ ଦ୍ୱାରା ଘଟଣାର ଯାଞ୍ଚ କରାଯାଇ ଦୋଷୀଙ୍କ

**ସନ୍ଦେହ ଘେରରେ ପୌର କର୍ତ୍ତୃପକ୍ଷ**

ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାହେବ। ସେହିପରି ବେଆଇନ୍ ପାର୍କିଂରେ ଥିବା ଗାଡିମାନଙ୍କୁ ନୋଟିସ୍ ଜାରି କରି ଶୀଘ୍ର ସରକାରୀ ଜମିକୁ ଜବରଦଖଲ ମୁକ୍ତ କରାଯିବ ବୋଲି ସେ କହିଛନ୍ତି। ଓରିଆଣ୍ଟ ଥାନାଧିକାରୀ କ୍ଷମା ସାଗର ନାୟକ ମଧ ଏହି ବେଆଇନ୍ ପାର୍କିଂକୁ ଆଇନଶୃଙ୍ଖଳା ପାଇଁ ଗୁରୁତର ସମସ୍ୟା ବୋଲି କହିଛନ୍ତି। ଏପରି ଅବ୍ୟବସ୍ଥିତ ପାର୍କିଂ ଫଳରେ ଡିଜେଲ ଓ ବ୍ୟାଟେରୀ ଚୋରି ଘଟଣା ବଢୁଥିବା ପୁଲିସ ପାଇଁ ଚିନ୍ତାର କାରଣ ସାଜିଥିବା ସେ କହିଛନ୍ତି। ଏପଟେ ରାଜସ୍ୱ ମନ୍ତ୍ରୀ ଓ ସ୍ଥାନୀୟ ବିଧାୟକଙ୍କ କଠୋର ନିର୍ଦ୍ଦେଶ ଥିଲେ ମଧ ପୌର କର୍ତ୍ତୃପକ୍ଷ ମାନଙ୍କ ନିଷ୍କ୍ରିୟତା ସନ୍ଦେହ ସୃଷ୍ଟି କରିଛି। ବେଆଇନ୍ ପାର୍କିଂ ଓ ସେଥିରୁ ଦେୟ ଆଦାୟ ସିଣ୍ଡିକେଟ୍ ବର୍ଷ ବର୍ଷ ଧରି ନିର୍ଭୀକ ଭାବେ ଚାଲୁଥିବାରୁ ପୌର କର୍ତ୍ତୃପକ୍ଷ ଏଥିରେ ସାମିଲ ଥିବା ଚର୍ଚ୍ଚା ହେଉଛି। ବର୍ତ୍ତମାନ ପ୍ରଶାସନର ସଜାଗ ହୋଇଥିବାରୁ ବେଆଇନ୍ ପାର୍କିଂ ଉପରେ ସମ୍ପୂର୍ଣ୍ଣ ଅଙ୍କୁଶ ଲାଗିବା ନେଇ ଆଶା ସୃଷ୍ଟି ହୋଇଛି। ଏହା ସହିତ ଦାୟୀ ଅଧିକାରୀମାନଙ୍କ ଭୂମିକା ତଦନ୍ତ ପରିସରଭୁକ୍ତ କରିବାକୁ ମତ ପ୍ରକାଶ ପାଇଛି।

## ଜନଗଣନା-୨୦୨୭ ପାଇଁ ପ୍ରଶିକ୍ଷଣ



ଦେବଗଡ଼,୨୪।୩(ସମିସ): ଜନଗଣନା ୨୦୨୭କୁ ସ୍ୱଚ୍ଛ ଓ ନିର୍ଭୁଲ ଭାବେ ସମ୍ପାଦନ କରିବା ଲକ୍ଷ୍ୟରେ ଦେବଗଡ଼ ପ୍ରଶାସନ ପକ୍ଷରୁ ଜିଲ୍ଲା ଓ ବ୍ଲକ୍‌ର ଶିକ୍ଷକ ମାନଙ୍କୁ ନେଇ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ମଙ୍ଗଳବାର ଠାରୁ ଆରମ୍ଭ ହୋଇଛି। ପ୍ରଶିକ୍ଷଣ ଶିବିର ମାର୍ଚ୍ଚ ୨୪ରୁ ୨୬ ପର୍ଯ୍ୟନ୍ତ ଚାଲିବ। ଦେବଗଡ଼ ତହସିଲଦାର କର୍ଣ୍ଣ ମଲ୍ଲିକଙ୍କ ତତ୍ତ୍ୱାବଧାନରେ ଆଦର୍ଶ ମହାବିଦ୍ୟାଳୟର ୨ଟି କ୍ଲାସରୁମରେ ଶିବିର ଆରମ୍ଭ ହୋଇଛି। ୧୦୦ ଜଣ ଶିକ୍ଷକ, ଏନୁମେରେଟର୍ ଓ ସୁପରଭାଇଜର୍ ମାନଙ୍କୁ ଜନଗଣନା ସମ୍ପର୍କିତ ବିଭିନ୍ନ ଆଇନଗତ ଦିଗ ସହ ଅନ୍ୟାନ୍ୟ ଆବଶ୍ୟକ ପ୍ରଶିକ୍ଷଣ ଦିଆଯିବ। ଶିବିରରେ ମାଷ୍ଟର୍ ଟ୍ରେନର ଡେପୁଟୀ କଲେକ୍ଟର ମୁକେଶ ଭୋଇ, ସୌମ୍ୟା ସୁଚିସ୍ମିତା, କଳିଙ୍ଗ ଆଶିଷ ଶତପଥୀ, ଅତିରିକ୍ତ ତହସିଲଦାର ଦୟାଲ ଓମ୍ ପ୍ରକାଶ ସାହୁ ପ୍ରମୁଖ ପ୍ରଶିକ୍ଷଣ ଦେଇଥିଲେ। ଜନଗଣନା କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ପର୍ଯ୍ୟନ୍ତ ନିୟୋଜିତ ସମସ୍ତ ଅଧିକାରୀ ଓ କର୍ମଚାରୀ ମାନଙ୍କୁ ସତର୍କତା ଓ ଦାୟିତ୍ୱ ବୋଧ ସହ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହାକୁ ସଠିକ୍‌ତା ଓ ସ୍ୱଚ୍ଛତା ପୂର୍ବକ ସମ୍ପାଦନା କରିବାକୁ ଜିଲ୍ଲାପ୍ରଶାସନ ପକ୍ଷରୁ ଗୁରୁତ୍ୱ ଦିଆଯାଇଛି।

## କ୍ରିକେଟ ଷ୍ଟାଡିୟମ ନିର୍ମାଣ କାର୍ଯ୍ୟର ସମୀକ୍ଷା

ଝାରସୁଗୁଡ଼ା,୨୪।୩(ସମିସ)



ଜିଲ୍ଲାରେ କ୍ରୀଡା ଭିତ୍ତିଭୂମିର ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ମାଲିମୁଣ୍ଡା କ୍ରିକେଟ ଷ୍ଟାଡିୟମ ପରିସର ଗସ୍ତ କରି

**ଏପ୍ରିଲ ୩୦ ସୁଦ୍ଧା ସ୍ୱିମିଂପୁଲ୍ କାର୍ଯ୍ୟ ଶେଷ କରିବାକୁ ନିର୍ଦ୍ଦେଶ**

ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଅନୁଧ୍ୟାନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ସେ ଷ୍ଟାଡିୟମ ପରିସରରେ ନିର୍ମାଣଧୀନ ଅତ୍ୟାଧୁନିକ ସ୍ୱିମିଂପୁଲର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ। ଜିଲ୍ଲାପାଳ ଓଡ଼ିଶା ସେତୁ ଓ ନିର୍ମାଣ ନିଗମର ନିର୍ବାହୀ ଯନ୍ତ୍ରୀଙ୍କ ସହ ଆଲୋଚନା କରିବା ସହ ନିର୍ମାଣ କାର୍ଯ୍ୟକୁ ଅଧିକ କ୍ରିୟାଶୀଳ କରିବାକୁ ପରାମର୍ଶ ଦେଇଛନ୍ତି। ଆସନ୍ତା ଏପ୍ରିଲ ୩୦ ସୁଦ୍ଧା ସ୍ୱିମିଂପୁଲ୍ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ସେ ନିର୍ବାହୀ ଯନ୍ତ୍ରୀଙ୍କୁ କହିଛନ୍ତି। ଏହାଦ୍ୱାରା ସ୍ଥାନୀୟ କ୍ରୀଡାବିତ୍ ଏବଂ ଜନସାଧାରଣ ଖୁବଶୀଘ୍ର ଏହାର ଲାଭ ଉଠାଇପାରିବେ। ମଲିମୁଣ୍ଡା କ୍ରିକେଟ ଷ୍ଟାଡିୟମକୁ ଅନ୍ତର୍ଜାତୀୟ ସ୍ତରର କ୍ରୀଡା ପ୍ରାଙ୍ଗଣ ଭାବେ ଗଢ଼ିତୋଳିବା ପାଇଁ ଜିଲ୍ଲା ପ୍ରଶାସନ ଲକ୍ଷ୍ୟ ରଖିଛି। ଏହି କାର୍ଯ୍ୟ ପାଇଁ ଓଡ଼ିଶା ଜଙ୍ଗଲ ଉନ୍ନୟନ ନିଗମ ଜରିଆରେ ବିଶିଷ୍ଟ କ୍ରୀଡା ଭିତ୍ତିଭୂମି ବିକାଶ ସଂସ୍ଥା ଏଲ୍‌ଆର ବ୍ରଦର୍ସଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଏହି ସଂସ୍ଥା ମୁମ୍ବାଇର ପ୍ରସିଦ୍ଧ ୱାଙ୍ଖେଡେ ଷ୍ଟାଡିୟମର ପରିଚାଳନା ଦାୟିତ୍ୱରେ ମଧ ରହିଛି।

**ମହିଳାଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଉଦ୍ଧାର ଘଟଣା**

## ସାଇଣ୍ଟିଫିକ ଟିମ୍ ଦ୍ୱାରା ତଦନ୍ତ ଆରମ୍ଭ

ଦେବଗଡ଼,୨୪।୩(ସମିସ)



କୁଣ୍ଢେଇଗୋଳା ଥାନା ଖଇରପାଲି ଫାଣ୍ଡି ଅଧୀନ ମହ୍ଲାରବାହାଳ ଗାଁର ଏକ ଧାନବିଲରୁ ଗତକାଲି ଉଦ୍ଧାର ହୋଇଥିବା ମହିଳା ଲକ୍ଷ୍ମୀପ୍ରିୟାଙ୍କ ଅର୍ଦ୍ଧଦଗ୍ଧ ମୃତଦେହକୁ ବ୍ୟବଚ୍ଛେଦ ନିମନ୍ତେ ଆଜି ବୁର୍ଲା ଡାକ୍ତରଖାନାକୁ ପଠାଯାଇଛି। ସାଇଣ୍ଟିଫିକ ଟିମ ଘଟଣା ସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ କରିବା ସହ ବିଭିନ୍ନ ନମୁନା ସଂଗ୍ରହ କରିଥିଲା। ଏହାପରେ ବ୍ୟବଚ୍ଛେଦ ନିମନ୍ତେ ବୁର୍ଲା ଡାକ୍ତରଖାନାକୁ ପଠାଯାଇଥିଲା। ଅନ୍ୟପକ୍ଷରେ ଗତକାଲି ଠାରୁ ପୁଲିସ ଦ୍ୱାରା ଅଟକ ଥିବା ମୃତା ଲକ୍ଷ୍ମୀପ୍ରିୟାଙ୍କ ସ୍ୱାମୀ ଯଶୋବନ୍ତ ସାହୁଙ୍କୁ ଆଜି ମଧ ପଚରା ଉଚରା ଜାରି ରହିଛି। ଗତକାଲି ମଧ୍ୟାହ୍ନରେ ମହ୍ଲାରବାହାଳ ପୋଖରୀ ନିକଟସ୍ଥ ଏକ ଧାନ ବିଲରେ ଲକ୍ଷ୍ମୀପ୍ରିୟାଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ପଡିଥିଲା। କେତେକ ଛେଳି ଚରାଳି ମୃତଦେହକୁ ପ୍ରଥମେ ଦେଖି ପୁଲିସକୁ ଖବର ଦେଇଥିଲେ। ପୁଲିସ ଘଟଣାର ତଦନ୍ତ କରିବା ସହ ମୃତକଙ୍କ ସ୍ୱାମୀ ଯଶୋବନ୍ତଙ୍କ ଦ୍ୱାରା ମୃତଦେହ ଚିହ୍ନଟ କରିଥିଲା। ଖବର ପାଇ ମୃତ ଲକ୍ଷ୍ମୀପ୍ରିୟାଙ୍କ ଭାଇ ଭୁଲକାବାହାଳ ଗାଁର ମୁରଲୀ ଧର ସାହୁ ପୁଲିସକୁ ଲିଖିତ ଏତଲା ଦେଇଥିଲେ। ଯଶୋବନ୍ତ ବିଭିନ୍ନ ସମୟରେ ନିଶାସକ୍ତ ଅବସ୍ଥାରେ ସ୍ତ୍ରୀ ଲକ୍ଷ୍ମୀପ୍ରିୟାଙ୍କୁ ମାଡ ମାରୁଥିବା ଗ୍ରାମବାସୀ ମାନେ ପୁଲିସ ନିକଟରେ ପ୍ରକାଶ କରିଥିଲେ। ଏଥିରୁ ଯଶୋବନ୍ତ ଉପରେ ସନ୍ଦେହ ଜାତ ହୋଇଥିଲା। ପୁଣି ପାରିପାର୍ଶ୍ୱିକ ପରିସ୍ଥିତି ଏବଂ ଲକ୍ଷ୍ମୀପ୍ରିୟାଙ୍କ ସ୍ୱାମୀ ଯଶୋବନ୍ତଙ୍କ କଥାରେ ତାଳମେଳ ରହୁ ନଥିବାରୁ ପୁଲିସ ଅଧିକ ପଚରାଉଚରା ନିମନ୍ତେ ଯଶୋବନ୍ତଙ୍କୁ ଥାନାକୁ ନେଇଥିଲା। ଏସ୍‌ଡିପିଓ ରମେଶ ଚନ୍ଦ୍ର ମାହାନା ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ପ୍ରକ୍ରିୟା ତଦାରଖ କରିଥିଲେ। ଅଧିକ ତଦନ୍ତ ନିମନ୍ତେ ସାଇଣ୍ଟିଫିକ ଟିମକୁ ଡକାଯାଇଥିଲା। ଆଜି ସାଇଣ୍ଟିଫିକ ଟିମ୍ ପହଞ୍ଚିକୁ ତଦନ୍ତ କରିବା ସହ ନମୁନା ସଂଗ୍ରହ କରିଛି।

## ସମଲେଶ୍ୱରୀ ସାହିତ୍ୟ ସଂସଦ ପକ୍ଷରୁ ସହିଦ ଦିବସ

କୋଲାବିରା,୨୪।୩(ସମିସ): ସମଲେଶ୍ୱରୀ ସାହିତ୍ୟ ସଂସଦ ପକ୍ଷରୁ କୋଲାବିରା ସ୍ଥିତ ଅସ୍ଥାୟୀ କାର୍ଯ୍ୟାଳୟ ପରିସରରେ ସଂସଦର ସଭାପତି ଶୋଭାଚନ୍ଦ୍ର ନାଏକଙ୍କ ସଭାପତିତ୍ୱରେ ସହିତ ଦିବସ ପାଳିତ ହୋଇଯାଇଛି। ଏଥିରେ ସମ୍ପାଦକ କୀର୍ତ୍ତିଚନ୍ଦ୍ର ବହିଦାର, ବରିଷ୍ଠ ନାଗରିକ ବୀରେନ୍ଦ୍ର ମହାପାତ୍ର, ଆଇନଜୀବୀ ପ୍ରକାଶ ଚନ୍ଦ୍ର ହୋତା, ପ୍ରବୀଣ ସାହୁ, ଦ୍ୱିବେନ୍ଦୁ ଦାସ୍, ପ୍ରଦ୍ୟୁମ୍ନ ପରୋହିତ, ସ୍ମୃତିରଞ୍ଜନ ରାଏ, ଯୋଗେନ୍ଦ୍ର ରାଏ ପ୍ରମୁଖ ଯୋଗ ଦେଇଥିଲେ। ୧୯୩୧ ମାର୍ଚ୍ଚ ୨୩ ତାରିଖ ଦିନ ସ୍ୱାଧୀନତା ସଂଗ୍ରାମୀ ଭଗତ ସିଂ, ସୁଖଦେବ ଥାପର ଓ ଶିବରାମ ରାଜଗୁରୁଙ୍କ ବଳିଦାନକୁ ସ୍ମୃତିଚାରଣ କରିଥିଲେ। ସେହିଦିନ ଠାରୁ ମାର୍ଚ୍ଚ ୨୩କୁ ସହିଦ ଦିବସ ଭାବେ ସମଗ୍ର ଦେଶରେ ପାଳନ କରାଯାଉଛି। ମୁଖ୍ୟବକ୍ତା ଭାବେ ପଣ୍ଡିତ ତ୍ରୈଲୋକ୍ୟନାଥ ମହାପାତ୍ର ସେମାନଙ୍କ ବଳିଦାନ କଥା ବର୍ଣ୍ଣନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ୱର ଝଙ୍କାର ସାହିତ୍ୟ ସଂସଦର ସମ୍ପାଦକ ପିଙ୍କୁ ଦାସ, ପୂର୍ବତନ ସରପଞ୍ଚ ତୁଳାରାମ ସେନାପତି, ଦିଲିପ ସେନାପତି ତଥା ସଂସଦର ସଭ୍ୟଗଣ ଉପସ୍ଥିତ ଥିଲେ।

## ଝାରମୁଣ୍ଡାରେ ୧୬ ପ୍ରହର ନାମଯଜ୍ଞ

ଝାରସୁଗୁଡ଼ା,୨୪।୩(ସମିସ): ଲଖନପୁର ବ୍ଲକ୍ କୁମ୍ଭାରବନ୍ଧ ପଞ୍ଚାୟତ ଝାରମୁଣ୍ଡାରେ ୧୪ତମ ୧୬ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଛି। ପୂଜକ ସହଦେବ ମିଶ୍ର, ଯଜ୍ଞକର୍ତ୍ତା ସୁନିଲ ଠାକୁର ପତ୍ନୀ ତୁମକି ଠାକୁର, ଷଡ଼ବୈଷ୍ଣବ ଚିଦାନନ୍ଦ ଠାକୁର, ଜୟକୃଷ୍ଣ ହବର୍ଗୀ, ଗଜେନ୍ଦ୍ର ରାଉତ, ଲିଙ୍ଗରାଜ ଭୋଇ, ଦେବ ଠାକୁର, ଓମ ଠାକୁରଙ୍କ ସମେତ ଶତାଧିକ ଶ୍ରଦ୍ଧାଳୁ କୀର୍ତ୍ତନ ଦଳ ସହ ନିକଟସ୍ଥ ପୋଖରୀରୁ କଳସରେ ଜଳ ଭରି ଯଜ୍ଞମଣ୍ଡପ ନିକଟକୁ ଅଣିଥିଲେ। ପରେ ଶୁଭଅଧିବାସ କରାଯାଇଥିଲା। ରବିବାର ଅଖଣ୍ଡ ନାମ ଗାନ କରାଯାଇଥିଲା। ଆଜି ପୂର୍ଣ୍ଣାହୁତି, ଆଳତି, ନାମସମାପନ, ହରିବୋଲ, ନଗର ଭ୍ରମଣ, ଦଧିଭାଣ୍ଡ ଭଞ୍ଜନ, କଳସ ବିସର୍ଜନ ପରେ ମହାପ୍ରସାଦ ସେବନ କରାଯାଇଥିଲା। ନାମଯଜ୍ଞରେ ସିଂହାଇପାଲି, ବିଶିଭକ୍ରା, ଚାରପାଲି ସ୍କୁଲପଡା, ବିଶିଉକ୍ରା, କଣ୍ଟାପାଲି, ରେଙ୍ଗାଲି ପୁରୁଣା ବସ୍ତି, ପଣ୍ଡଲୋଇ, ଦେବେଇପାଲି, ଶରଧା ପାଲି, ପୁଡ଼ିପାଲି, କେଉଁଟଡିହି ଗାଁର କିର୍ତ୍ତନ ମଣ୍ଡଳୀ ନାମ ଗାନ ସମେତ ନଗର ଭ୍ରମଣ କରିଥିଲେ। ଆୟୋଜକ ଅଶୋକ ରାଏ, ପ୍ରେମଚାନ୍ଦ ଠାକୁର, ରମାକାନ୍ତ ଠାକୁର, ଭବାନୀ ରାଉତ, ଲିଙ୍ଗରାଜ ଭୋଇ, ବସନ୍ତ ରାଉତ, ରାଜ ଠାକୁର, ମୋହନ ଠାକୁର, ଜ୍ୟୋତିସୂର୍ଯ୍ୟ ଠାକୁର, ମହେନ୍ଦ୍ର ଭୋଇ, ପ୍ରତାପ ଭୋଇ, ଦୁର୍ଗା ସିଂହ ସମେତ ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ।

## ଝାରସୁଗୁଡ଼ା ଜିଲ୍ଲା ପ୍ରଶାସନ ପକ୍ଷରୁ ମେଗା ନିଯୁକ୍ତି ମେଳା

ଝାରସୁଗୁଡ଼ା,୨୪।୩(ସମିସ): ଜିଲ୍ଲାର ଯୁବକ ଓ ଯୁବତୀମାନଙ୍କୁ ନିଯୁକ୍ତି ସୁଯୋଗ ଯୋଗାଇଦେବା ଲକ୍ଷ୍ୟରେ ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ଦକ୍ଷତା ବିକାଶ ତଥା ନିୟୋଜନ କାର୍ଯ୍ୟାଳୟର ମିଳିତ ଆନୁକୂଲ୍ୟରେ ମଙ୍ଗଳବାର ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରସ୍ଥ ଡିଏମଏଫ କନଫରେନ୍ସ ହଲ୍‌ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ଶତାଧିକ ଶିକ୍ଷିତ ଯୁବକଯୁବତୀ ଯୋଗ ଦେଇଥିଲେ। ମୋଟ ୫ଟି ପ୍ରତିଷ୍ଠିତ କମ୍ପାନୀ ଅଂଶଗ୍ରହଣ କରି ପ୍ରାର୍ଥୀମାନଙ୍କର ଯୋଗ୍ୟତା ଭିତ୍ତିରେ ସାକ୍ଷାତକାର ଗ୍ରହଣ କରିଥିଲେ। ଏହି ପ୍ରକ୍ରିୟାରେ ସମୁଦାୟ ୧୧୬ ଜଣ ଆଶାୟୀ ପ୍ରାର୍ଥୀ ପହଞ୍ଚି ନିଜର ପଞ୍ଜୀକରଣ କରିବା ସହ ବିଭିନ୍ନ ପଦବୀ ପାଇଁ ସାକ୍ଷାତକାର ଦେଇଥିଲେ। ସେମାନଙ୍କ ମଧ୍ୟରୁ ପ୍ରାଥମିକ ପର୍ଯ୍ୟାୟରେ ୩୫ ଜଣ ଯୋଗ୍ୟ ପ୍ରାର୍ଥୀଙ୍କୁ କମ୍ପାନୀଗୁଡିକ ପକ୍ଷରୁ ତାଲିକାଭୁକ୍ତ କରାଯାଇଛି। ଚୟନ ପ୍ରକ୍ରିୟାର ଚୂଡାନ୍ତ ତାଲିକା ଆସନ୍ତା ଏକ ସପ୍ତାହ ମଧ୍ୟରେ ପ୍ରକାଶ ପାଇବ ବୋଲି ସୂଚନା ରହିଛି।

**● ସାବତ ପୁଅକୁ ହତ୍ୟା ଘଟଣା**

## ଅଭିଯୁକ୍ତ ପିତାକୁ ଆଜୀବନ ଜେଲ୍

ଦେବଗଡ଼,୨୪।୩(ସମିସ): ଦେବଗଡ଼ ଜିଲ୍ଲା ଓ ଦୌରାଜଜ ଦେବାଶିଷ ରାଉତ ମଙ୍ଗଳବାର ୨୦୨୧ରେ ବାରକୋଟ ଥାନାଞ୍ଚଳରେ ଘଟିଥିବା ଏକ ହତ୍ୟା ମାମଲାର ବିଚାର କରି ଅଭିଯୁକ୍ତକୁ ଦୋଷୀ ସାବ୍ୟସ୍ତ କରିବାସହ ଆଜୀବନ କାରାଦଣ୍ଡାଦେଶରେ ଦଣ୍ଡିତ କରିଛନ୍ତି। ଏଥିସହ ୫ହଜାର ଟଙ୍କା ଅର୍ଥଦଣ୍ଡାଦେଶ ମଧ ଶୁଣାଇଛନ୍ତି। ବାରକୋଟ ଥାନାଞ୍ଚଳର ମଲି ମୁଣ୍ଡା ନାମ୍ନୀ ଜଣେ ମହିଳା ତାଙ୍କର ପ୍ରଥମ ସ୍ୱାମୀଙ୍କ ମୃତ୍ୟୁପରେ ଔତଳ ଗାଁର ତ୍ରିବନ ମୁଣ୍ଡାକୁ ଦ୍ୱିତୀୟ ବିବାହ କରିବା ସହ ନିଜର ଏକମାତ୍ର ପୁଅ (ପ୍ରଥମ ସ୍ୱାମୀଙ୍କ ଔରସରୁ ଜନ୍ମିତ ପୁତ୍ର) ରବି ମୁଣ୍ଡାଙ୍କ ସହିତ ଏକାଠି ରହୁଥିଲେ। ତେବେ ବିବାହ ପରେ ତ୍ରିବନ ବିଭିନ୍ନ ସମୟରେ ସ୍ତ୍ରୀ ମଲିଙ୍କ ସହ ଝଗଡା କରୁଥିଲେ। ମଲିଙ୍କ ପୁଅ ରବି ଏହାର ପ୍ରତିବାଦ କରି ଆସୁଥିଲେ। ଏହି କ୍ରମରେ ଗତ ୨୦୨୧ ଡିସେମ୍ବର ୫ ରାତିରେ ତ୍ରିବନ ସ୍ତ୍ରୀ ମଲି ଓ ସାବତ ପୁଅ ରବି ସହିତ ଝଗଡା କରିଥିଲା। ଏହାପରେ ରବିକୁ ଏକ କୁରାଢ଼ିରେ ମରଣାନ୍ତକ ଆକ୍ରମଣ କରିଥିଲା। ଏଥିରେ ରବି ଗୁରୁତର ଆହତ ହୋଇଥିଲା ଏବଂ ଚିକିତ୍ସାଧିନ ଅବସ୍ଥାରେ ତାର ମୃତ୍ୟୁ ଘଟିଥିଲା। ଏହାପରେ ଅଭିଯୁକ୍ତ ତ୍ରିବନ ବିରୁଦ୍ଧରେ ଏକ ହତ୍ୟା ମାମଲା ରୁଜୁ ହେବାସହ ତାକୁ ଗିରଫ କରି କୋର୍ଟ ଚାଲାଣ କରାହୋଇଥିଲା। ବାରକୋଟ ଥାନାର ତତ୍କାଳୀନ ଭାରପ୍ରାପ୍ତ ଅଧିକାରୀ କନକ ମାଝୀ ଘଟଣାର ତଦନ୍ତ କରି ତା' ବିରୁଦ୍ଧରେ ଅଦାଲତରେ ଚାର୍ଜସିଟ ଦାଖଲ କରିଥିଲେ। ଜିଲ୍ଲା ଓ ଦୌରାଜଜଙ୍କ ଅଦାଲତରେ ମାମଲା ବିଚାରାଧିନ ଥିବା ବେଳେ ତ୍ରିବନ ବିରୁଦ୍ଧରେ ସାକ୍ଷ୍ୟ ଓ ପ୍ରମାଣ ଆଧାରରେ ଆଜି ଜିଲ୍ଲା ଓ ଦୌରାଜଜ ମାମଲାର ରାୟ ପ୍ରକାଶ କରି ତାକୁ ଆଜୀବନ କାରାଦଣ୍ଡାଦେଶ ଓ ୫ ହଜାର ଟଙ୍କାର ଅର୍ଥଦଣ୍ଡାଦେଶ ଶୁଣାଇଛନ୍ତି। ଜରିମାନା ନଦେଲେ ଅତିରିକ୍ତ ୬ ମାସ ଜେଲ ଭୋଗିବାକୁ ପଡିବ ବୋଲି ରାୟରେ ପ୍ରକାଶ କରିଛନ୍ତି। ସରକାରଙ୍କ ତରଫରୁ କ୍ୟାଡର ପବ୍ଲିକ ପ୍ରସିକ୍ୟୁଟର ଯୋଗେଶ୍ୱର ପାତ୍ର ମାମଲାଟିକୁ ପରିଚାଳନା କରିଥିବା ବେଳେ ଜିଲ୍ଲା ଅଭିଯୋକ୍ଷଜନ ନିର୍ଦ୍ଦେଶାଳୟର ଉପନିର୍ଦ୍ଦେଶକ ପ୍ରକାଶ ଚନ୍ଦ୍ର ମହାନ୍ତି ଓ ସହକାରୀ ନିର୍ଦ୍ଦେଶକ ନିରଞ୍ଜନ ନାୟକଙ୍କ ତତ୍ତ୍ୱାବଧାନରେ ମାମଲାର ବିଚାର କରାଯାଇଥିଲା।

## ଦୋକାନ ବାରଣ୍ଡାରେ ଟଳିପଡ଼ିଲେ ଫେରିବାଲା

କୋଲାବିରା,୨୪।୩(ସମିସ): କୋଲାବିରା ବ୍ଲକ୍ ଅଞ୍ଚଳର ଜଣେ ଫେରିବାଲା ବାଇକ ସଜାଡିବାକୁ ଆସି ଦୋକାନ ବାରଣ୍ଡାରେ ବସିଥିବା ସମୟରେ ହଠାତ ଟଳିପଡି ଜୀବନ ଚାଲିଯାଇଥିବା ଜଣାପଡ଼ିଛି। ମୃତକ ଫିରୋଜ ଶେଖ୍ (୫୯) ବଙ୍ଗଳାର ମେଦିନାପୁରର ମୂଳ ବାସିନ୍ଦା ବୋଲି ପରିଚୟ ମିଳିଛି। ସେ କୋଲାବିରା ଥାନା ଅଧୀନ ପୋଖରାସାହ୍ଲେ ଗ୍ରାମରେ ଭଡା ଘରେ ରହି ଫେରିକାମ କରି ଚଳୁଥିଲେ। ରବିବାର ସଂଧ୍ୟାରେ ଏକ ଗ୍ୟାରେଜରେ ନିଜ ମୋପେଡ ଗାଡିକୁ ସଜାଡିବାକୁ ଆସିଥିଲେ। ମରାମତି ସରିବାକୁ ଅପେକ୍ଷା କରି ସେହି ଦୋକାନ ବାରଣ୍ଡାରେ ବସିଥିଲେ। ମାତ୍ର କିଛି ସମୟ ପରେ ହଠାତ୍ ସେ ଟଳିପଡିଥିଲେ। ଘଟଣା ସ୍ଥଳରେ ହିଁ ଫିରୋଜଙ୍କ ପ୍ରାଣବାୟୁ ଉଡ଼ିଯାଇଥିଲା। ସ୍ଥାନୀୟ ଲୋକେ କୋଲାବିରା ଥାନାକୁ ସୂଚନା ଦେବାପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିଥିଲା। ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇ ପରିବାର ଲୋକଙ୍କୁ ଖବର ଦେଇଛି। ମୃତ୍ୟୁର କାରଣ ସ୍ପଷ୍ଟ ଜଣାପଡି ନଥିଲେ ହେଁ ହୃଦଘାତରେ ମୃତ୍ୟୁ ହୋଇଥିବା କୁହାଯାଉଛି।

## ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବିଶ୍ୱ ଯକ୍ଷ୍ମା ଦିବସ




ଦେବଗଡ଼,୨୪।୩(ସମିସ): ନୂତନ ଚିକିତ୍ସାଳୟ ସଭା ଗୃହ ଠାରେ ମଙ୍ଗଳବାର ବିଶ୍ୱ ଯକ୍ଷ୍ମା ଦିବସ ପାଳିତ ହୋଇଯାଇଛି। ଭାରପ୍ରାପ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା.ଧନୁର୍ଜୟ ମହନ୍ତଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ କବିନ୍ଦ୍ର ସାହୁ, ସମ୍ମାନିତ ଅତିଥି ଭାବେ ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ରାଜେନ୍ଦ୍ର ମିଞ୍ଜ, ଡା.ମନୋରଞ୍ଜନ ସାମଲ, ଡା.ପ୍ରଭାତ ଓଝା ଓ ଡା.ପୂର୍ଣ୍ଣଚନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଯକ୍ଷ୍ମାରୋଗ ଏହାର ଲକ୍ଷଣ ଓ ନିରାକରଣ ବିଷୟରେ ଅତିଥିମାନେ ଆଲୋକପାତ କରିଥିଲେ। ବୈଠକ ପୂର୍ବରୁ ସକାଳେ ନର୍ସିଂ ଛାତ୍ରୀଙ୍କୁ ନେଇ ଏକ ଯକ୍ଷ୍ମା ସଚେତନତା ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ବୈଠକରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀନିବାସ ଜାନୀ, ଆଶାକର୍ମୀ, ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀ, ବିଭିନ୍ନ ପଞ୍ଚାୟତରୁ ଆସିଥିବା ସରପଞ୍ଚ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଭାରପ୍ରାପ୍ତ ସହକାରୀ ଜନସ୍ୱାସ୍ଥ୍ୟ ଅଧିକାରୀ ଅମରେଶ ଶତପଥୀ ସଂଯୋଜନା କରିଥିଲେ।

## କୋଲାବିରାରେ ବଳିଦାନ ଦିବସ

କୋଲାବିରା,୨୪।୩(ସମିସ): ବଳିଦାନ ଦିବସ ଅବସରରେ ଦେଶରେ ସହିଦ୍ ଭଗତ୍ ସିଂ, ରାଜଗୁରୁ ଏବଂ ସୁଖଦେବଙ୍କ ସାହସ ତଥା ବଳିଦାନକୁ ମନେପକେଇ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଏହି କ୍ରମରେ କୋଲାବିରା ବ୍ଲକ୍ ଅଧୀନ କୁଲିହାମାଲ ଗାଁରେ ଶ୍ରମଦାନ ଓ ପଦଯାତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ମେରା ଯୁବା ଭାରତ ଝାରସୁଗୁଡା ଆନୁକୂଲ୍ୟରେ ପଣ୍ଡକିମାଲ ଟାଇଗର କ୍ଲବ୍ ପକ୍ଷରୁ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ସ୍ଥାନୀୟ ସରପଞ୍ଚ ବିନୋଦିନୀ ପଟେଲ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଗାଁର ମିଶନ ଶକ୍ତି ଗୃହଠାରୁ ଶିବ ମନ୍ଦିର ପର୍ଯ୍ୟନ୍ତ ପଦଯାତ୍ରା ବାହାରିଥିଲା। ଅନ୍ୟ ମାନଙ୍କ ମଧ୍ୟରେ ସଭାପତି ଲୁକେଶ୍ୱର କିଷାନ, ସମ୍ପାଦକ ଭାଗିରଥି କିଷାନ, ସଭ୍ୟ ମୁକ୍ତେଶ୍ୱର କିଷାନ, ଇନ୍ଦ୍ରଜିତ କିଷାନଙ୍କ ସମେତ ଅଞ୍ଚଳର ଅନେକ ଜନସାଧାରଣ ଉପସ୍ଥିତ ଥିଲେ। ବଳିଦାନ ଦିବସରେ ସହିଦଙ୍କ ସ୍ମୃତିଚାରଣ କରିବା ସହିତ ଆୟୋଜିତ ପଦଯାତ୍ରାରେ ସାମିଲ ହୋଇଥିଲେ।

## ଟ୍ରାଫିକ୍ ସୁଧାର ପାଇଁ ଜବରଦଖଲ ହଟାଇବାକୁ ନିର୍ଦ୍ଦେଶ

ଝାରସୁଗୁଡ଼ା,୨୪।୩(ସମିସ): ସହରର ପରିମଳ ସେବା ଏବଂ ଟ୍ରାଫିକ ବ୍ୟବସ୍ଥାରେ ଉନ୍ନତି ଆଣିବା ପାଇଁ ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ସହରର ବିଭିନ୍ନ



ସ୍ଥାନ ପରିଦର୍ଶନ ଓ ଅନୁଧ୍ୟାନ କରିଛନ୍ତି। ସହରର ମୁଖ୍ୟ ରାସ୍ତାଗୁଡିକରେ ବେଆଇନ ଜବରଦଖଲ ଓ ଅବ୍ୟବସ୍ଥିତ ପାର୍କିଂ ଯୋଗୁଁ ସାଧାରଣ ଜନତା ସମ୍ମୁଖୀନ ହେଉଥିବା ସମସ୍ୟା ଉପରେ ଜିଲ୍ଲାପାଳ ଗଭୀର ଉଦ୍‌ବେଗ ପ୍ରକାଶ କରିଥିଲେ। ଏହି ସମୟରେ ଝାରସୁଗୁଡ଼ା ପୌରପାଳିକାର ନିର୍ବାହୀ ଅଧିକାରୀ ମାନସରଞ୍ଜନ ମଲ୍ଲିକ ଏବଂ ସହକାରୀ ଆରଟିଓ ଉପସ୍ଥିତ ଥିଲେ। ସହରର ସାମ୍ପ୍ରତିକ ସ୍ଥିତି ସମ୍ପର୍କରେ ବିସ୍ତୃତ

**ବେଆଇନ ପାର୍କିଂ କଲେ ଜରିମାନା**

ଆଲୋଚନା ହୋଇଥିଲା। ଜିଲ୍ଲାପାଳ କିଷାନ ଚୌକରୁ ପ୍ରସନ୍ନ ପଣ୍ଡା ଛକ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ସମସ୍ତ ବେଆଇନ ଜବରଦଖଲକୁ ତୁରନ୍ତ ହଟାଇବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ରାସ୍ତା ଉପରେ କୌଣସି ପ୍ରକାର ଅସ୍ଥାୟୀ ନିର୍ମାଣ ଯାତାୟାତରେ ବାଧା ସୃଷ୍ଟି ନକରିବା ପାଇଁ ସୁନିଶ୍ଚିତ କରିବାକୁ ସେ ପୌରପାଳିକା କର୍ତ୍ତୃପକ୍ଷଙ୍କୁ କହିଛନ୍ତି। ଏହାବ୍ୟତୀତ, ଟ୍ରାଫିକ ଶୃଙ୍ଖଳା ରକ୍ଷା କରିବା ପାଇଁ ବେଆଇନ ପାର୍କିଂ ଏବଂ ରାସ୍ତା ଉପରେ ଚାଲୁଥିବା ବିଭିନ୍ନ ଗ୍ୟାରେଜଗୁଡିକ ଉପରେ କଡା ନଜର ରଖିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ନିୟମ ଉଲ୍ଲଂଘନ କରୁଥିବା ଗାଡି ଓ ଗ୍ୟାରେଜ ମାଲିକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଜରିମାନା ଆଦାୟ କରିବାକୁ ସେ ସହକାରୀ ଆରଟିଓଙ୍କୁ ପରାମର୍ଶ ଦେଇଛନ୍ତି। ସହରର ପ୍ରତିଟି କୋଣରେ ପରିମଳ ବ୍ୟବସ୍ଥାକୁ ସୁବ୍ୟବସ୍ଥିତ ରଖିବା ସହ ନିୟମିତ ସଫେଇ କାର୍ଯ୍ୟ ଜାରି ରଖିବାକୁ ସେ ଗୁରୁତ୍ୱାରୋପ କରିଛନ୍ତି।

## ରାଜ୍ୟସ୍ତରୀୟ ଟେକ୍ନୋମାନିଆ ୩.୦ ଉଦ୍‌ଘାଟିତ

ଝାରସୁଗୁଡ଼ା,୨୪।୩(ସମିସ)

**ରୋବୋଟିକସ୍ ଏବଂ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ଉପରେ ଜିଲ୍ଲାପାଳଙ୍କ ଗୁରୁତ୍ୱ**




ଝାରସୁଗୁଡ଼ା ଯାନ୍ତ୍ରିକ ବିଦ୍ୟାଳୟ ପରିସରରେ ଇଣ୍ଡିଆନ ସୋସାଇଟି ଫର ଟେକ୍ନିକାଲ ଷ୍ଟୁଡେଣ୍ଟ ଚାପ୍ଟର ତରଫରୁ ରାଜ୍ୟ ସ୍ତରୀୟ ଦୁଇ ଦିନିଆ ଟେକଫେଷ୍ଟ 'ଟେକ୍ନୋମାନିଆ ୩.୦' ଉଦ୍‌ଘାଟିତ ହୋଇଯାଇଛି। ଝାରସୁଗୁଡ଼ା ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ କୁଣାଲ ମୋତିରାମ ଚହ୍ୱାଣ ମୁଖ୍ୟ ଅତିଥି ଭାବେ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଅନୁଷ୍ଠାନର ଅଧ୍ୟକ୍ଷା ରିନତା ଦାସଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସମ୍ମାନିତ ଅତିଥି ଭାବେ ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧୀକ୍ଷକ ଆଶିଷ ଲେଙ୍କା ଏବଂ ଆଦାନୀ ତଲାବିରା ମାଇନ୍ସର ମାନବ ସମ୍ବଳ ମୁଖ୍ୟ ପ୍ରଭାକର ସିଂ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଜିଲ୍ଲାପାଳ ଶ୍ରୀ ଚହ୍ୱାଣ ଆଗାମୀ ଦିନରେ ରୋବୋଟିକ୍ସ ଏବଂ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସକୁ ନେଇ ଏଭଳି ପ୍ରତିଯୋଗିତା ଛାତ୍ରଛାତ୍ରୀଙ୍କ ପାଇଁ ଏକ ସୁସ୍ଥ ପ୍ରତିଯୋଗିତାମୂଳକ ବାତାବରଣ ସୃଷ୍ଟି କରିବ ବୋଲି କହିଥିଲେ। ଟେକ୍ନୋଲୋଜି ମାଧ୍ୟମରେ କିଭଳି ନିଜର ଭବିଷ୍ୟତ ଉଜ୍ଜ୍ୱଳମୟ କରିହେବ, ସେନେଇ ଛାତ୍ରଛାତ୍ରୀଙ୍କୁ ସେ ଅବଗତ କରାଇଥିଲେ। ମହୋତ୍ସବରେ ରାଜ୍ୟର ବିଭିନ୍ନ ସରକାରୀ ଓ ବେସରକାରୀ ପଲିଟେକନିକ୍ ଅନୁଷ୍ଠାନର ଶତାଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ସିଭିଲ୍ ବିଭାଗର ମୁଖ୍ୟ ତଥା ଇଭେଣ୍ଟ କୋର୍ଡିନେଟର ଅମିତ ସାହୁ କାର୍ଯ୍ୟକ୍ରମର ୫ଟି ମୁଖ୍ୟ ପ୍ରତିଯୋଗିତା ସମ୍ପର୍କରେ ଅତିଥିମାନଙ୍କୁ ଅବଗତ କରାଇଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ବୈଜ୍ଞାନିକ ମନୋଭାବ ବୃଦ୍ଧି କରିବା ସହ ନୂତନ ଉଦ୍ଭାବନ ଦିଗରେ ସେମାନଙ୍କୁ ପ୍ରୋତ୍ସାହିତ କରିବା ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ରହିଛି। ସମାରୋହରେ ଆଇଟି ବିଭାଗ ମୁଖ୍ୟ ଡ.ଅନିତା ବ୍ରହ୍ମା ଏବଂ ଇଲେକ୍ଟ୍ରିକାଲ୍ ବିଭାଗ ମୁଖ୍ୟ ଅଷ୍ଟମିତା ମିଶ୍ର ମଞ୍ଚ ପରିଚାଳନା କରିଥିଲେ।

